# NATIONAL NEWS BULLETIN (ODIA)

**18 April - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ମହାକାଶ କ୍ଷେତ୍ରରେ ଶତକଡା ୧୦୦ ଭାଗ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶକୁ ସରକାର ଅନୁମତି ଦେଇଛନ୍ତି ।

- ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଗାନ୍ଧୀନଗର ଲୋକସଭା ନିର୍ବାଚନ ମଣ୍ଡଳୀର ସାନନ୍ଦ ଓ କାଲୋଲଠାରେ ଦୁଇଟି ରୋଡ ଶୋ' କରିଛନ୍ତି ।

- ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ମତଦାନ ହେବ ।

- ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ବ୍ୟବସାୟୀ ରାଜ କୁନ୍ଦ୍ରାଙ୍କର ୯୮ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ଅଚଳ କରିଛି ।

ଏବଂ

- ଭାରତୀୟ ପାଣିପାଗ ବିଭାଗ ଓଡ଼ିଶା, ତାମିଲନାଡୁ, ଉପକୂଳ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରେ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ଭୀଷଣ ଗ୍ରୀଷ୍ମପ୍ରବାହ ହେବାର ଅନୁମାନ କରିଛି ।

# ଗଭ୍-ସ୍ପେସ୍

ମହାକାଶ କ୍ଷେତ୍ରରେ ଶତକଡା ୧୦୦ ଭାଗ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶକୁ ଅନୁମତି ଦେବାପାଇଁ ସରକାର ବୈଦେଶିକ ବିନିମୟ ମୁଦ୍ରା ପରିଚାଳନା ଆଇନ୍ ଅଧୀନରେ ନିୟମରେ ସଂଶୋଧନ ବିଷୟ ଜଣାଇଛନ୍ତି । ଏକ ବିଜ୍ଞପ୍ତି ଅନୁସାରେ ଅର୍ଥ ମନ୍ତ୍ରଣାଳୟ କହିଛି ଉପଗ୍ରହ ଗୁଡ଼ିକର ଉତ୍ପାଦନ ଓ ପ୍ରେରଣ, ଉପଗ୍ରହ ଡାଟା ଓ ଅନ୍ୟାନ୍ୟ କ୍ଷେତ୍ରରେ ଶତକଡା ୧୦୦ଭାଗ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶକୁ ଅନୁମତି ଦିଆଯାଇଛି । ତାହାମଧ୍ୟରୁ ଶତକଡା ୭୪ଭାଗ ପୁଞ୍ଜିନିବେଶ ସ୍ୱୟଂକୃତ ମାଧ୍ୟମରେ ହେବାକୁ ଥିବାବେଳେ ତାହାଠାରୁ ଅଧିକ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ପାଇଁ ସରକାରଙ୍କର ଅନୁମତିର ଆବଶ୍ୟକ ପଡିବ । ଅର୍ଥ ମନ୍ତ୍ରଣାଳୟ କହିଛି ରକେଟ୍ ଗୁଡ଼ିକ ପାଇଁ ଶତକଡା ଅଣଚାଶ ଭାଗ ସ୍ୱୟଂକୃତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶକୁ ଅନୁମତି ଦିଆଯାଇଛି । ଅବଶିଷ୍ଟ ଅଣଚାଶ ଭାଗ ଏଫ୍.ଡି.ଆଇ ପାଇଁ ସରକାରଙ୍କ ଅନୁମତିର ଆବଶ୍ୟକ ପଡିବ । ମନ୍ତ୍ରଣାଳୟ କହିଛି ଉପଗ୍ରହ ଯନ୍ତ୍ରପାତି ନିର୍ମାଣ ପାଇଁ ଶତକଡା ୧୦୦ଭାଗ ଏଫ୍.ଡି.ଆଇ ସ୍ୱୟଂକୃତ ମାଧ୍ୟମରେ ହେବ । ଗତ ୧୬ ତାରିଖରୁ ଏହି ନୂଆ ନିୟମ ଲାଗୁ ହୋଇଛି । ଗତ ଫେବୃୟାରୀ ମାସରେ କେନ୍ଦ୍ର

କ୍ୟାବିନେଟ୍ ମହାକାଶ କ୍ଷେତ୍ର ପାଇଁ ଏଫ୍.ଡି.ଆଇ ନୀତିକୁ ଅନୁମୋଦନ କରିଥିଲା ।

## ଗୁଜରାତ-ଅମିତ ଶାହା

ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଗାନ୍ଧୀନଗର ଲୋକସଭା ନିର୍ବାଚନ ମଣ୍ଡଳୀର ସାନନ୍ଦ ଓ କାଲୋଲଠାରେ ଦୁଇଟି ରୋଡ ଶୋ' କରିଛନ୍ତି । ଆଜି ସେ ଅହମ୍ମଦାବାଦର ବେଜାଲପୁରଠାରେ ଏକ ରୋଡ ଶୋ' କରିବେ । ଶ୍ରୀ ଶାହା ଗାନ୍ଧୀନଗର ଲୋକସଭା ଆସନରୁ ଆସନ୍ତାକାଲି ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରିବେ । ବିଜେପି ନେତା ଏବଂ ତଥ୍ୟ ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଆଜି ପାର୍ଟି ପାଇଁ ପ୍ରଚାର କରିବେ । ସେ ଜାମନଗରଠାରେ ଏକ ରୋଡ ଶୋ' କରିବେ ଏବଂ ନିର୍ବାଚନ ସଭାରେ ଉଦ୍‌ବୋଧନ ଦେବେ । ଗୁଜୁରାତରେ ମେ' ମାସ ୭ ତାରିଖରେ ତୃତୀୟ ପର୍ଯ୍ୟାୟରେ ମତଦାନ ହେବ ।

## ସିଡିଏସ୍ ସ୍ପେସ୍

ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନୀଲ ଚୌହ୍ୱାନ କହିଛନ୍ତି ମହାକାଶ କ୍ଷେତ୍ରର ଭବିଷ୍ୟତରେ ଜଳ, ସ୍ଥଳ ଓ ଆକାଶ ପଥ ଉପରେ ପ୍ରଭାବ ବୃଦ୍ଧି ପାଇବ । ନୂଆଦିଲ୍ଲୀରେ ଭର୍ଚୁଆଲ ମାଧ୍ୟମରେ ଭାରତୀୟ ପ୍ରତିରକ୍ଷା ମହାକାଶ ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେଇ ସେ

କହିଛନ୍ତି ମହାକାଶରେ ମାନବ ଜାତିର କଲ୍ୟାଣ ପାଇଁ ମହାକାଶ କ୍ଷେତ୍ରର ଉପଯୋଗ ହେବା ଆବଶ୍ୟକ । ସେ ପୁଣି କହିଛନ୍ତି ଭାରତ ମହାକାଶ କ୍ଷେତ୍ରରେ ଏହାର କାର୍ଯ୍ୟଦକ୍ଷତାର ପ୍ରମାଣ ଦେଇଛି । ଭାରତ ଏ କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନର ବିକାଶ କରିଛି ।

ଆଜିଠାରୁ ଭାରତୀୟ ପ୍ରତିରକ୍ଷା ମହାକାଶ ଆଲୋଚନାଚକ୍ର ଆରମ୍ଭ ହୋଇଛି । ଏଥିରେ ସାମରିକ କ୍ଷେତ୍ରର ବିଶାରଦ, ନୀତି ନିର୍ଦ୍ଧାରଣକାରୀ, ବୈଜ୍ଞାନିକ ଓ ଉଦ୍ୟୋଗପତିମାନେ ଏକତ୍ରିତ ହେବେ । ଏକ ଶକ୍ତିଶାଳୀ ପ୍ରତିରକ୍ଷା ମହାକାଶ କ୍ଷେତ୍ରର ନିର୍ମାଣ ପାଇଁ ଏଥିରେ ଯୋଜନାର ରୂପରେଖ ପ୍ରସ୍ତୁତ ହେବ । ତିନିଦିନ ବ୍ୟାପୀ ଏହି ଆଲୋଚନାଚକ୍ର ସମୟରେ ଅନେକ ଅଧିବେଶନ ବସିବ । ସେଗୁଡ଼ିକରେ ପ୍ରତିରକ୍ଷା ମହାକାଶ କ୍ଷେତ୍ରର ସମସ୍ୟା, ମହାକାଶ ସମ୍ବଳ ସଂଗ୍ରହ, ଜାତୀୟ ମହାକାଶ ସୁରକ୍ଷା ନୀତି, ଚୀନ୍‌ର ପ୍ରତିରକ୍ଷା ମହାକାଶ ଦକ୍ଷତା, ଯୁଦ୍ଧକ୍ଷେତ୍ର ଯୋଗାଯୋଗ ବ୍ୟବସ୍ଥା, ମହାକାଶ ବୈଷୟିକ ଜ୍ଞାନ ଓ ୟୁକ୍ରେନ୍ ଯୁଦ୍ଧରୁ ମିଳିଥିବା ଶିକ୍ଷା ବିଷୟରେ ଆଲୋଚନା ହେବ ।

## ଆସାମ ଫାଷ୍ଟ ଫେଜ୍ ପୋଲ

ଆସାମର ୫ଟି ଲୋକସଭା ଆସନରେ ଆସନ୍ତାକାଲି ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ମୋଟ୍ ୩୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା

କରୁଛନ୍ତି । ଭୋଟ୍‌ଗ୍ରହଣକାରୀ ଦଳ ଓ ନିରାପତ୍ତାବାହିନୀ ଜବାନମାନେ ଇ.ଭି.ଏମ୍ ଓ ଅନ୍ୟ ଗ୍ୟାଜେଟ୍‌ଗୁଡ଼ିକ ସହ ଭୋଟ୍‌ଗ୍ରହଣ କେନ୍ଦ୍ର ଗୁଡ଼ିକରେ ପହଞ୍ଚିଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି ୧୪ଟି ଉପର ଆସାମ ଜିଲ୍ଲାରେ ଜୋର୍‌ସୋର୍ ପ୍ରଚାର ପରେ ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ସମ୍ପନ୍ନ ହୋଇଛି । ଆସନ୍ତାକାଲି ୧୦ହଜାର ଭୋଟ୍‌ଗ୍ରହଣ କେନ୍ଦ୍ରରେ ମତଦାନ ହେବ । ଗଣ୍ଡଗୋଳିଆ ଭୋଟ୍‌ଗ୍ରହଣ କେନ୍ଦ୍ର ଗୁଡ଼ିକରେ ସଶସ୍ତ୍ର ପୋଲିସ ବାହିନୀ ଜବାନ ଓ କ୍ଷୁଦ୍ର ପର୍ଯ୍ୟବେକ୍ଷକମାନଙ୍କୁ ମୁତୟନ କରାଯାଇଛି । ୫ହଜାର ୫୦୦ ଭୋଟ୍‌ଗ୍ରହଣ କେନ୍ଦ୍ରରେ ମତଦାନ ପ୍ରକ୍ରିୟାର ୱେବ୍‌କାଷ୍ଟିଂ କରାଯିବ । ୧୧ଟି ଭୋଟ୍‌ଗ୍ରହଣ କେନ୍ଦ୍ରକୁ ଦିବ୍ୟାଙ୍ଗମାନେ ପରିଚାଳନା କରିବେ । ସମସ୍ତ ଭୋଟ୍‌ଗ୍ରହଣ କେନ୍ଦ୍ରରେ ପାନୀୟଜଳ, ଅପେକ୍ଷାରତ ଗୃହ ଓ ଶୌଚାଳୟ ସମେତ ସର୍ବନିମ୍ନ ସୁବିଧା ରହିଛି । ଆସନ୍ତାକାଲି ୮୬ଲକ୍ଷ ମତଦାତା ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବେ । ସେମାନଙ୍କ ମଧ୍ୟରେ ମହିଳା ମତଦାତାଙ୍କ ସଂଖ୍ୟା ପୁରୁଷ ମତଦାତାଙ୍କ ଠାରୁ ଅଧିକ ରହିଛି ।

## ଲାକ୍ଷାଦୀପ ପୋଲ୍‌ସ

ଭୋଟର ସଂଖ୍ୟା ଦୃଷ୍ଟିରୁ ଦେଶର କ୍ଷୁଦ୍ରତମ ଲୋକସଭା ନିର୍ବାଚନମଣ୍ଡଳୀ ଲାକ୍ଷାଦ୍ୱୀପରେ ପ୍ରଥମ ପର୍ଯ୍ୟାୟରେ ମତଦାନ ହେବ । ଏହି କେନ୍ଦ୍ରଶାସିତ

ଅଞ୍ଚଳରେ ଗୋଟିଏ ଲୋକସଭା ଆସନ ରହିଛି ଓ ତାହା ଅନୁସୂଚିତ ଉପଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି । ଗତ ସଂଧ୍ୟାରେ ପ୍ରଚାର ଶେଷ ହୋଇଯାଇଛି । ୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଉପସ୍ଥିତ ସାଂସଦ ଏନ୍.ସି.ପି ଶରଦ ପାୱାର ଗୋଷ୍ଠୀର ମହମ୍ମଦ ଫୈଜାଲ, କଂଗ୍ରେସର ହମଦୁଲ୍ଲିଲା ସୟେଦ, ବିଜେପି ସମର୍ଥିତ ଏନ୍.ସି.ପିର ଅଜିତ ପାୱାର ଗୋଷ୍ଠୀର ଟି.ପି. ୟୁସୁଫ ଓ ନିର୍ଦ୍ଦଳୀୟ ପ୍ରାର୍ଥୀ କେ. କୋୟା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଲାକ୍ଷାଦ୍ୱୀପ ମୁଖ୍ୟ ନିର୍ବାଚନ ଅଫିସର କହିଛନ୍ତି ଭୋଟ୍‌ଗ୍ରହଣ ଓ ନିରାପତ୍ତା ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇଛି । ଦିବ୍ୟାଙ୍ଗ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସ୍ଥାପନ କରାଯାଇଛି । ୧୦ଟି ଦ୍ୱୀପରେ ୫୫ଟି ଭୋଟ୍‌ଗ୍ରହଣ କେନ୍ଦ୍ର ସ୍ଥାପନ କରାଯାଇଛି । ଲାକ୍ଷାଦ୍ୱୀପରେ ୫୭ହଜାର ୭୮୪ଜଣ ଭୋଟର ରହିଛନ୍ତି ।

## ବିଜେପି-ରାଣେ

ବିଜେପି ଆଜି ଏହାର ତ୍ରୟୋଦଶ ପ୍ରାର୍ଥୀତାଲିକା ପ୍ରକାଶ କରିଛି । ପାର୍ଟି କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେଙ୍କୁ ମହାରାଷ୍ଟ୍ରର ରତ୍ନଗିରି-ସିନ୍ଧୁଦୁର୍ଗ ଆସନରୁ ପ୍ରାର୍ଥୀ କରିଛି । ଇତିମଧ୍ୟରେ କଂଗ୍ରେସ ଓଡ଼ିଶା ବିଧାନସଭା ପାଇଁ ୪ଜଣ ପ୍ରାର୍ଥୀଙ୍କର ନାମ ଘୋଷଣା କରିଛି । ପ୍ରକାଶ ଚନ୍ଦ୍ର ଜେନା ଭୁବନେଶ୍ୱର

ସେଣ୍ଟ୍ରାଲରୁ ପ୍ରାର୍ଥୀ ଥିବାବେଳେ ମନୋଜ ରଥ ସତ୍ୟବାଦୀରୁ ପ୍ରାର୍ଥୀ ରହିଛନ୍ତି ।

## ବିଜେପି-କଂଗ୍ରେସ

କଂଗ୍ରେସ ଓ ଇଣ୍ଡିଆ ମେଣ୍ଟ ସେନାବାହିନୀ ଓ ନିରାପତ୍ତା ବାହିନୀର ଅପମାନ କରିଥିବା କଥା ବିଜେପି ଦୋଷାରୋପ କରିଛି । କଂଗ୍ରେସ ନେତା ସୁପ୍ରିୟା ଶ୍ରୀନେତଙ୍କ ମନ୍ତବ୍ୟର ଉଲ୍ଲେଖ କରି ପାର୍ଟି ମୁଖପାତ୍ର ସେହଜାଦ ପୁନାବାଲା କହିଛନ୍ତି ନକ୍ସଲ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ୨୯ଜଣ ନକ୍ସଲପନ୍ଥୀଙ୍କୁ ନିପାତ କରାଯାଇଛି । ଏହା ନିରାପତ୍ତା ବାହିନୀ ପାଇଁ ଏକ ବଡ ସଫଳତା । ନିରାପତ୍ତାବାହିନୀର ଏହି କାର୍ଯ୍ୟକୁ ସ୍ୱାଗତ କରିବା ପରିବର୍ତ୍ତେ କଂଗ୍ରେସ ପାର୍ଟି ନକ୍ସଲପନ୍ଥୀମାନଙ୍କୁ ସହିଦ କହି ଜବାନ ମାନଙ୍କର ବୀରତ୍ୱ ଉପରେ ପ୍ରଶ୍ନ ଉଠାଇଛି । ଏହା ଜବାନ ମାନଙ୍କର ନୈତିକତାକୁ ଆଘାତ ପହଞ୍ଚାଇବ ବୋଲି ସେ କହିଛନ୍ତି ।

## ଇଡି-ରାଜ କୁନ୍ଦ୍ରା

ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ବ୍ୟବାସୀୟ ରାଜ କୁନ୍ଦ୍ରାଙ୍କର ୯୮ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ଅଚଳ କରିଛି । ଅଚଳ ହୋଇଥିବା ସମ୍ପତ୍ତିଗୁଡ଼ିକ ମଧ୍ୟରେ ଗୋଟିଏ ଆବାସିକ ଅଟ୍ଟାଳିକା, ବଙ୍ଗଳା ଓ ଅଂଶଧନ

ପ୍ରଭୃତି ରହିଛି । ଆବାସିକ ଅଟ୍ଟାଳିକାଟି ତାଙ୍କର ପତ୍ନୀ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ନାମରେ ରହିଛି । ବଙ୍ଗଳା ଓ ଅଂଶଧନଗୁଡ଼ିକ ଶ୍ରୀ କୁନ୍ଦ୍ରାଙ୍କ ନାମରେ ରହିଛି । କଳାଧନ ନିବାରଣ ଆଇନ୍ ଅନୁସାରେ ସେହିସବୁ ସମ୍ପତ୍ତିକୁ ଅଚଳ କରାଯାଇଛି । ମହାରାଷ୍ଟ୍ର ପୋଲିସ ଓ ଦିଲ୍ଲୀ ପୋଲିସ ଦ୍ୱାରା ଦାଖଲ ହୋଇଥିବା ଏଫ୍.ଆଇ.ଆର୍‌କୁ ଭିତ୍ତିକରି ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ତଦନ୍ତ ଆରମ୍ଭ କରିଥିଲା । ରାଜ କୁନ୍ଦ୍ରା ସର୍ବସାଧାରଣଙ୍କଠାରୁ ୬ହଜାର ୬୦୦ କୋଟି ଟଙ୍କା ଆଦାୟ କରି ସେମାନଙ୍କୁ ୧୦ଗୁଣା ଅଧିକ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇଥିଲେ । ସେ ବିଟ୍ କଏନ ମାଧ୍ୟରେ ସେହି ଅର୍ଥ ଆଦାୟ କରିଥିଲେ ।

## ଆଇଏମ୍‌ଡି ହିଟ୍‌ୱେଭ

ଭାରତୀୟ ପାଣିପାଗ ବିଭାଗ ଓଡ଼ିଶା, ତାମିଲନାଡୁ, ଉପକୂଳ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରେ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ଭୀଷଣ ଗ୍ରୀଷ୍ମପ୍ରବାହ ହେବାର ଅନୁମାନ କରିଛି । ଏହି ସମୟରେ ତାପମାତ୍ରା ୪୦ଡିଗ୍ରୀରୁ ଅଧିକ ରହିବାର ଅନୁମାନ କରାଯାଉଛି । ଝାଡ଼ଖଣ୍ଡ, ଉତ୍ତର କୋଙ୍କଣ, ସୌରାଷ୍ଟ୍ର, ମଧ୍ୟ ମହାରାଷ୍ଟ୍ର, ତେଲଙ୍ଗାନା, ତାମିଲନାଡୁ ଓ ପୁଡୁଚେରୀରେ ମଧ୍ୟ ଗ୍ରୀଷ୍ମପ୍ରବାହ ହେବାର ସମ୍ଭାବନା ଅଛି । ଆକାଶବାଣୀ ସହ ଏକ ସାକ୍ଷାତ୍‌କାରରେ ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ବୈଜ୍ଞାନିକ

ଆର୍.କେ. ଜେନାମଣି ଲୋକମାନଙ୍କୁ ସତର୍କ ରହିବା ଓ ଅଧିକ ପାନୀୟ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଉତ୍ତର ଭାରତରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ନାହିଁ ଓ ଦିଲ୍ଲୀ, ରାଜସ୍ଥାନ, ପଞ୍ଜାବ ଓ ହରିୟାଣାରେ ଅଳ୍ପ ବର୍ଷା ହୋଇପାରେ । କିନ୍ତୁ ହିମାଚଳପ୍ରଦେଶରେ ଭୀଷଣ ବର୍ଷା ହେବାର ସମ୍ଭାବନା ଅଛି ।